

# ଆମ ବିକାଶ ଯୋଜନା



୨

## ମହିଳା ଓ ଶିଶୁ ବିକାଶ



# ଆମ ବିକାଶ ଯୋଜନା

## ମହିଳା ଓ ଶିଶୁ ବିକାଶ

cysd

..Enable - Empower - Include...

# ଆମ ବିକାଶ ଯୋଜନା

**ପ୍ରସ୍ତୁତି :**

ସି.ୱାଇ.ଏସ୍.ଡ଼ି.

**ପ୍ରକାଶକ :**

ସି.ୱାଇ.ଏସ୍.ଡ଼ି.

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ

ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧୦୧୩

**ପୃଷ୍ଠା ବିନ୍ୟାସ :**

ପ୍ରଜ୍ଞା ଗ୍ରାଫିକ୍ସ , ଲକ୍ଷ୍ମୀ ବିହାର, ଭୁବନେଶ୍ୱର - ୫

**ପ୍ରକାଶନ ସମୟ :**

୦୧ ଡ଼ିସେମ୍ବର ୨୦୦୯

**ସହଯୋଗ ରାଶି :**

୧୦୦/- ଟଙ୍କା ମାତ୍ର

(ସଂପୂର୍ଣ୍ଣ ସେଟ୍)

# ମୁଖବନ୍ଧ

ଲୋକଙ୍କ ପାଇଁ ଯୋଜନା । ଲୋକମାନେ ତାହା ଜାଣିବା ଉଚିତ୍ । ସରକାରୀ ସ୍ତରରେ ପ୍ରସ୍ତୁତ ହେଉଥିବା ଅନେକ ଯୋଜନା ବିଷୟରେ ସାଧାରଣ ଲୋକ ଆଦୌ ଜାଣିପାରନ୍ତି ନାହିଁ । ଲୋକଙ୍କୁ ଜଣାଇବା ସରକାରଙ୍କର ଯେତିକି ଦାୟିତ୍ୱ, ଯୋଜନାଗୁଡ଼ିକ ବିଷୟରେ ସବିଶେଷ ଜାଣିବା ସାଧାରଣ ଲୋକଟିର ମଧ୍ୟ ସେତିକି କର୍ତ୍ତବ୍ୟ । ଜନମଙ୍ଗଳ ରାଷ୍ଟ୍ର ହିସାବରେ ସରକାର ଜନତାର ସେବା ପାଇଁ ପୂର୍ଣ୍ଣ ଉତ୍ସର୍ଗୀକୃତ ହେବା ଦରକାର । ଠିକ୍ ସେହିପରି ଏକ ସ୍ୱାଧୀନ ରାଷ୍ଟ୍ରର ନାଗରିକମାନେ ସେତିକି ସମ୍ବେଦନଶୀଳ ହୋଇ ରାଷ୍ଟ୍ରର ଆଇନ କାନୁନ୍, ନୀତି ନିୟମ ଏବଂ ସମସ୍ତ ସରକାରୀ ବେସରକାରୀ ଯୋଜନା ବିଷୟରେ ଜାଣିବା ଅପରିହାର୍ଯ୍ୟ ।

ଆମେ ଆଗରୁ କହିଛୁ, ଜାଣିଲେ ଜିଣିବା । ନିଜର ବିକାଶର ଗତିକୁ ବଢ଼ାଇବା । ଆମ ରାଜ୍ୟର ସାଧାରଣ ଜନତା ଯେତେ ଅଧିକ ଜାଣିବେ ଓ ସରକାରୀ ଯୋଜନାକୁ ଯେତେ ଅଧିକ ସଠିକ୍ କାମରେ ଲଗାଇବେ, ଆମର ବିକାଶ ସେତେ ଅଧିକ ହେବ । ସରକାରୀ ସ୍ତରରେ ଅନେକ ବିଭାଗ ଅଛି । ଯେପରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଶକ୍ତି, ଶିଳ୍ପ, ସମବାୟ ଏହିପରି ଅନେକ । କିନ୍ତୁ ସାଧାରଣ ଜନତା ପାଇଁ ସମସ୍ତ ଯୋଜନା ବିଷୟରେ ଗୋଟିଏ କୌଣସି ସ୍ଥାନରୁ ବା ଗୋଟିଏ କୌଣସି ଉପାଦେୟ ପୁସ୍ତକରୁ ଜାଣିବାର ବ୍ୟବସ୍ଥା ନାହିଁ କହିଲେ ଚଳେ ।

ସାଧାରଣଲୋକଙ୍କର ଏହି ଅସୁବିଧାକୁ ଉପଲବଧି କରି ଏହାର ସମାଧାନ ପାଇଁ ସି.ଓ୍ୱାଇ.ଏସ୍.ଡ଼ି. ତରଫରୁ ଏକ ଲୋକାଭିମୁଖୀ ପଦକ୍ଷେପଟିଏ ନେବା ପାଇଁ ବିଚାର କରାଗଲା । ଯାହାର ଫଳସ୍ୱରୂପ ଜନ୍ମ ନେଲା କେତୋଟି ପୁସ୍ତିକାର ସମାହାର "ଆମ ବିକାଶ ଯୋଜନା" ।

ଲୋକ ଶାସନ ବିଭାଗର ପ୍ରମୁଖ ଡ଼ଃ ସୁରେନ୍ଦ୍ରନାଥ ଜେନା , କାର୍ଯ୍ୟକ୍ରମ ସଂଯୋଜିକା ଗୀତାରାଣୀ ଦାସ ଏବଂ ସମାଜସେବୀ ନିରାକାର ବେଉରାଙ୍କର ଉଦ୍ୟମ ଫଳରେ ଏହି କାର୍ଯ୍ୟଟି ସମ୍ଭବ ହୋଇପାରିଛି ।

୧୩ଟି ବିଭାଗର ଅନେକ ଯୋଜନା ଏହି ପୁସ୍ତିକା ସବୁରେ ସନ୍ନିବେଶିତ ହୋଇଛି । ଆହୁରି ଅନେକ ବିଭାଗର ଛୋଟ ବଡ଼ ଯୋଜନା ଆମମାନଙ୍କର ହସ୍ତଗତ ହୋଇପାରିନଥିବାରୁ ସଂଯୋଜନା ମଣ୍ଡଳୀ ସେହି ସବୁ ଯୋଜନାକୁ ଏହି ପୁସ୍ତିକାରେ ନେଇ ପାରିନାହାଁନ୍ତି । ଏଥିସହ ସରକାରଙ୍କର ଯୋଜନା ଅନେକ ସମୟରେ ପରିବର୍ତ୍ତନ ହୁଏ, ପରିବର୍ଦ୍ଧିତ ହୁଏ, ବନ୍ଦ ବି ହୋଇଯାଏ ଏବଂ ସାହାଯ୍ୟର ପରିମାଣରେ ହ୍ରାସ କିମ୍ବା ବୃଦ୍ଧି ଘଟିଥାଏ । ତେଣୁ ଏ ପୁସ୍ତିକା ପ୍ରତି ୨/୩ ବର୍ଷରେ ଥରେ ସଂଶୋଧନ ହେବା ନିତାନ୍ତ ଜରୁରୀ । ଏଥିସହ ଉକ୍ତ ପୁସ୍ତିକାଟି ପ୍ରକାଶିତ ହୋଇସାରିବା ପରେ ସରକାରୀ ସ୍ତରରେ ଯୋଜନାର ନକଲ ସାଧାରଣ ଲୋକଙ୍କୁ ଦେବାରେ ଯେଉଁ ଅନାଗ୍ରହ ଦେଖିବାକୁ ମିଳୁଥିଲା, ତାହା ଦୂର ହୋଇପାରିବ ବୋଲି ଆଶା କରାଯାଏ । ସରକାର ମଧ୍ୟ ଏ ଦିଗରେ ଯତ୍ନଶୀଳ ହୋଇ ଏହିପରି ପୁସ୍ତକ ଅଧିକ ସଂଖ୍ୟାରେ ପ୍ରକାଶ କରି ସାଧାରଣ ଲୋକଙ୍କୁ ପ୍ରଦାନ କଲେ ସରକାରଙ୍କ ଲକ୍ଷ୍ୟ ଅଧିକ ଫଳବତୀ ହୋଇପାରିବ ନିଶ୍ଚୟ ।

ପରିଶେଷରେ ଏହି ଉପାଦେୟ ପୁସ୍ତିକା ଗୁଚ୍ଛର ସଂପାଦନା ମଣ୍ଡଳୀ, ପ୍ରକାଶକ ଏବଂ ଏ ପୁସ୍ତିକାକୁ ପାଠ କରି ଏଥିରୁ ଯେଉଁମାନେ ଲାଭାନ୍ୱିତ ହେବେ, ସେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।


୦୧ ଡ଼ିସେମ୍ବର ୨୦୦୯

**ପ୍ରଫୁଲ୍ଲ କୁମାର ସାହୁ**
ଅଧ୍ୟକ୍ଷ
ସି.ଓ୍ୱାଇ.ଏସ୍.ଡ଼ି.

# ସୂଚୀପତ୍ର

*ମହିଳା ଓ ଶିଶୁ ବିକାଶ ବିଭାଗ*


- କିଶୋର ଶକ୍ତି ଯୋଜନା ୧
- କିଶୋର ପୁଷ୍ଟି ଯୋଜନା ୨
- ଜରୁରୀକାଳୀନ ଖାଦ୍ୟ ଯୋଗାଣ ଯୋଜନା ୩
- ଭିନ୍ନକ୍ଷମ ସେବା ଯୋଜନା ୫
- ମଧ୍ୟାହ୍ନ ଭୋଜନ ଯୋଜନା ୭
- ମିଶନ ଶକ୍ତି ୮
- ମଧୁବାବୁ ପେନ୍‌ସନ ଯୋଜନା ୧୧
- ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ୧୪
- ଜାତୀୟ ପରିବାର ମଙ୍ଗଳ ଯୋଜନା ୧୬
- ସ୍ୱୟଂସିଦ୍ଧ ୧୮
- ସ୍ୱାଧାର ୨୦
- ମହିଳା ଓ ଶିଶୁ ଡେସ୍କ ୨୧
- ଅନାଥ ନିଃସ୍ୱ ଶିଶୁଙ୍କ କଲ୍ୟାଣ ଯୋଜନା ୨୩
- ରାସ୍ତାକଡ଼ ଶିଶୁମାନଙ୍କ ପାଇଁ ସମନ୍ୱିତ କାର୍ଯ୍ୟକ୍ରମ ୨୪


ମହିଳା
ଓ
ଶିଶୁ ବିକାଶ

# କିଶୋରୀ ଶକ୍ତି ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । କିଶୋରୀମାନଙ୍କ ଅଭିବୃଦ୍ଧି, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ସାକ୍ଷରତା ଓ ଗାଣିତିକ ଦକ୍ଷତା, ବୈଷୟିକ ଦକ୍ଷତା ଇତ୍ୟାଦିରେ ଏହି କାର୍ଯ୍ୟକ୍ରମ ରୂପାୟିତ ହୋଇଥାଏ । ଅଙ୍ଗନୱାଡି କେନ୍ଦ୍ରରେ ବାଳିକା ମଣ୍ଡଳ ମାଧ୍ୟମରେ ଏହା କାର୍ଯ୍ୟକାରୀ କରାଯାଏ । |
| *ହିତାଧିକାରୀଙ୍କ ଯୋଗ୍ୟତା* | ୧୧ରୁ୧୮ ବର୍ଷ ବୟସର କିଶୋରୀମାନେ |
| *ଆବେଦନ ପ୍ରଣାଳୀ* | ଆବଶ୍ୟକ ନାହିଁ । |
| *ଚିହ୍ନଟ ପ୍ରକ୍ରିୟା* | ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ହିତାଧିକାରୀ ଚିହ୍ନଟ କରାଯାଇଥାଏ । |
| *ସାହାଯ୍ୟକାରୀ ଅଧିକାରୀ* | ଶିଶୁବିକାଶ ପ୍ରକଳ୍ପ ଅଧିକାରୀ । |
| *ସାହାଯ୍ୟର ପରିମାଣ* | କିଶୋରୀମାନଙ୍କୁ ବୃତ୍ତିଗତ ତାଲିମ ମାଧ୍ୟମରେ ଦକ୍ଷତା ବୃଦ୍ଧି, ଲୌହ ଓ କୃମିନାଶକ ବଟିକା ମାଗଣାରେ ପ୍ରଦାନ କରାଯାଇଥାଏ । |
| *ବିଶେଷ ସୂଚନା* | ଜିଲ୍ଲା ପରିଷଦର ସଭାପତି ଏବଂ ସଭ୍ୟମାନେ ଏହି ଯୋଜନାରେ ସମନ୍ୱୟ ରଖି କାର୍ଯ୍ୟ କରିବା ଆବଶ୍ୟକ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏହି ଯୋଜନାର ତଦାରଖ କରିବା ଆବଶ୍ୟକ । ପଞ୍ଚାୟତ ଚେୟାରମ୍ୟାନ୍ ଏହି ଯୋଜନାର କାର୍ଯ୍ୟକାରିତାକୁ ତଦାରଖ କରିବା ସହିତ ଏହି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ । |

***

# କିଶୋରୀ ପୁଷ୍ଟି ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ୨୦୦୨-୦୩ ଓ ୨୦୦୩-୦୪ ବର୍ଷରେ ଯୋଜନା ଆୟୋଗ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରିଥିବା ଏହି ଯୋଜନାକୁ ଭାରତ ସରକାର ୨୦୦୫-୦୬ ବର୍ଷରୁ କାର୍ଯ୍ୟକାରୀ କରୁଛନ୍ତି । ୧୧ରୁ ୧୫ବର୍ଷ ବୟସ୍କା ୩୦ କି.ଗ୍ରାରୁ କମ୍ ଓଜନ ପୁଷ୍ଟିହୀନା କିଶୋରୀମାନେ ଏବଂ ୧୫ ରୁ ୧୯ ବର୍ଷ ବୟସ୍କା ୩୫ କି.ଗ୍ରାରୁ କମ୍ ଓଜନ କିଶୋରୀମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ । କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ହିତାଧିକାରୀମାନେ ମାସିକ ୬ କି.ଗ୍ରା ଖାଦ୍ୟ ମାଗଣା ପାଇଥାନ୍ତି । |
| *ହିତାଧିକାରୀଙ୍କ ଯୋଗ୍ୟତା* | ୧୧ ରୁ ୧୫ ବର୍ଷ ଓ ୧୫ ରୁ ୧୯ ବର୍ଷ ବୟସ୍କା ପୁଷ୍ଟିହୀନା କିଶୋରୀ । |
| *ଆବେଦନ ପ୍ରଣାଳୀ* | ଆବଶ୍ୟକ ନାହିଁ । |
| *ଚିହ୍ନଟ ପ୍ରକ୍ରିୟା* | ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଚିହ୍ନଟ କରାଯିବ । |
| *ସାହାଯ୍ୟକାରୀ ଅଧିକାରୀ* | ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ |
| *ସାହାଯ୍ୟର ପରିମାଣ* | ମାସିକ ୬କିଗ୍ରା ପୁଷ୍ଟିକର ଖାଦ୍ୟ ହିତାଧିକାରୀଙ୍କୁ ଦିଆଯାଇଥାଏ । |

# ଜରୁରୀ କାଳୀନ ଖାଦ୍ୟ ଯୋଗାଣ ଯୋଜନା

*ଯୋଜନାର ଉଦ୍ଦେଶ୍ୟ* ଖାଦ୍ୟ ଅସୁରକ୍ଷା ଓ ଖାଦ୍ୟ ଅଭାବକୁ ଦୂର କରିବା ପାଇଁ କେବିକେ ଅଞ୍ଚଳର ଗ୍ରାମମାନଙ୍କରେ ରହୁଥିବା ବୃଦ୍ଧ, ଅକ୍ଷମ ଓ ଅସହାୟ, ଯେଉଁମାନଙ୍କର ଆୟର କୌଣସି ପନ୍ଥା ନଥିବ, ସେମାନଙ୍କୁ ଗୋଟିଏ ଓଳି ରନ୍ଧା ଖାଦ୍ୟ ଯୋଗାଇ ଦେବା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ।

*ହିତାଧିକାରୀଙ୍କ ଯୋଗ୍ୟତା* କେବିକେ ଅଞ୍ଚଳର ବିପିଏଲ ପରିବାର ହୋଇଥିବେ।

ବିଶେଷକରି ଅକ୍ଷମ, ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ ଏହି ସୁବିଧା ପ୍ରଦାନ କରାଯାଏ।

ବିପିଏଲ ପରିବାର ସହ ଅନ୍ୟ କୌଣସି ଆୟର ପନ୍ଥା ନଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଏ।

*ଆବେଦନ ପ୍ରଣାଳୀ* ହିତାଧିକାରୀ ନିଜେ ତାର ଅସହାୟତା ବିଷୟରେ ଜଣାଇ ଗ୍ରାମପଞ୍ଚାୟତକୁ/ଅଙ୍ଗନୱାଡି କେନ୍ଦ୍ରକୁ ଦରଖାସ୍ତ କରି ଏହି ଯୋଜନାରେ ସାମିଲ ହୋଇପାରିବେ।

*ଚିହ୍ନଟ ପ୍ରକ୍ରିୟା* ସାଧାରଣତଃ ଗ୍ରାମ ପଞ୍ଚାୟତ ତା'ର ପଲ୍ଲୀସଭା ମାଧ୍ୟମରେ ଏହିସବୁ ହିତାଧିକାରୀମାନଙ୍କୁ ଚିହ୍ନଟ କରିଥାଏ।

ଅଙ୍ଗନୱାଡି ଦିଦିମାନେ ମଧ୍ୟ ଏହି ଲୋକଙ୍କୁ ଚିହ୍ନଟ କରିଥାନ୍ତି।

*ସାହାଯ୍ୟର ପରିମାଣ* ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ଦିନ ଅଙ୍ଗନୱାଡି କେନ୍ଦ୍ର ତରଫରୁ ହିତାଧିକାରୀମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥାଏ।

| | |
|---|---|
| | ପ୍ରତ୍ୟେକ ହିତାଧିକାରୀଙ୍କୁ ଦୈନିକ ୨୦୦ ଗ୍ରାମ ଚାଉଳ, ୪୦ ଗ୍ରାମ ଡାଲି ସହ, ପରିବା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଯଥା: ଲୁଣ, ତେଲ ଆଦି ଯୋଗାଇ ଦିଆଯାଏ। |
| *ସାହାଯ୍ୟକାରୀ ଅଧିକାରୀ* | ଏହି ଯୋଜନା ଆଇ.ସି.ଡି.ଏସ୍ ଅନ୍ତର୍ଗତ ଅଟେ। ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରର ଦିଦି ଏହି ଯୋଜନାକୁ ହିତାଧିକାରୀଙ୍କ ପାଖରେ ପହଞ୍ଚାଇଥାନ୍ତି। |
| *ଅଭିଯୋଗ ଦାଖଲ* | ଅଙ୍ଗନୱାଡି ସୁପରଭାଇଜରଙ୍କୁ ପ୍ରଥମ ଅଭିଯୋଗ ଦିଆଯାଇପାରିବ। ନହେଲେ ସି.ଡି.ପି.ଓ କିମ୍ବା ଜିଲ୍ଲା ସମାଜମଙ୍ଗଳ ଅଧିକାରୀଙ୍କ ପାଖରେ ମଧ୍ୟ ଅଭିଯୋଗ ଦାଖଲ କରାଯାଇପାରିବ। |



# ଭିନ୍ନକ୍ଷମ ସେବା ଯୋଜନା

*ଯୋଜନାର ଉଦ୍ଦେଶ୍ୟ* — ରାଜ୍ୟରେ ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ସେବା ଓ ସୁଯୋଗ ସୃଷ୍ଟି ସହ ସାମାଜିକ ସୁରକ୍ଷା ପ୍ରଦାନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । ଏହି ଯୋଜନା ଓଡିଶା ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଅଛି ।

*ହିତାଧିକାରୀଙ୍କ ଯୋଗ୍ୟତା* — ହିତାଧିକାରୀଙ୍କ ବୟସ ୫ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ଏବଂ ସେ ଅନ୍ୟୁନ ୪୦% ରୁ ଉର୍ଦ୍ଧ୍ୱ ଅକ୍ଷମ ହୋଇଥିବେ ।

*ଆବେଦନ ପ୍ରଣାଳୀ* — ସାଧାକାଗଜରେ ଏକ ଦରଖାସ୍ତ ସହ ଭିନ୍ନକ୍ଷମ ପ୍ରମାଣ ପତ୍ର ସଂଲଗ୍ନ କରାଯାଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ ଏବଂ ଚାହୁଁଥିବା ସାହାଯ୍ୟ ମଧ ଦରଖାସ୍ତରେ ସୂଚନାଥିବା ବାଞ୍ଛନୀୟ ।

*ଚିହ୍ନଟ ପ୍ରକ୍ରିୟା* — ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଭିନ୍ନକ୍ଷମ ଚିହ୍ନଟ କରି ଏକ ପ୍ରମାଣ ପତ୍ର ପ୍ରଦାନ କରିବେ ।

*ସାହାଯ୍ୟର ପରିମାଣ* — ୧. ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତଥା ପଞ୍ଜିକୃତ ଅଣ ଅନୁଦାନପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟ, ବୈଷୟିକ ଅନୁଷ୍ଠାନରେ ଅଧ୍ୟୟନରତ ଏବଂ ବାର୍ଷିକ ଟ୧୫,୦୦୦ ପର୍ଯ୍ୟନ୍ତ ପାରିବାରିକ ଆୟଥିବା ଛାତ୍ର ଛାତ୍ରୀ ମାନଙ୍କୁ ଭିନ୍ନକ୍ଷମ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥାଏ ।

୨. ଟ୧୦,୦୦୦ ଙ୍କା ମଧରେ ଆୟଥିବା ଭିନ୍ନକ୍ଷମ

ବ୍ୟକ୍ତିଙ୍କୁ ୫୦% ରିହାତି ମୂଲ୍ୟରେ ବିଭିନ୍ନ ସହାୟକ ଉପକରଣ ଯୋଗାଇ ଦିଆଯାଏ ।

୩. ଆତ୍ମନିଯୁକ୍ତି ଯୋଜନା, ଇନ୍ଦିରା ଆବାସ ଯୋଜନା ଓ ସରକାରୀ ଚାକିରୀରେ ଶତକଡା ୩% ସ୍ଥାନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସଂରକ୍ଷିତ କରାଯାଇଅଛି ।

***ସାହାଯ୍ୟକାରୀ ଅଧିକାରୀ*** ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ।

***ଅଭିଯୋଗ ଦାଖଲ*** ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯିବ ।

**ଯୋଜନା ଜାଣିବା**

**ଆଗକୁ ବଢ଼ିବା**

# ମଧ୍ୟାହ୍ନ ଭୋଜନ ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ସବୁ ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଅଧ୍ୟୟନରତ ସବୁ ଛାତ୍ରଛାତ୍ରୀମାନଙ୍କୁ ବର୍ଷର ୨୧୦ ଦିନ ମଧ୍ୟାହ୍ନରେ ରନ୍ଧାଖାଦ୍ୟ ଯୋଗାଇଦେବା ପାଇଁ ଏହି ଯୋଜନା ୧୯୯୫ ମସିହାରେ ଆରମ୍ଭ କରାଯାଇଥିଲା ।

ଛାତ୍ର ଉପସ୍ଥାନ ବଢାଇବା, ସ୍କୁଲ ପରିତ୍ୟାଗ କମାଇବା ଏବଂ ଛାତ୍ରମାନଙ୍କର ପୁଷ୍ଟି ବୃଦ୍ଧି କରିବା ଏହି ଯୋଜନାର ଲକ୍ଷ୍ୟ । ତା.୧.୯.୨୦୦୪ ରିଖରୁ ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ରନ୍ଧାଖାଦ୍ୟ ଦିଆଯାଉଛି ।

*ସାହାଯ୍ୟର ପରିମାଣ*

ଏହି ଯୋଜନାରେ କେନ୍ଦ୍ର ସରକାର ୨୧୦ ଦିନ ପାଇଁ ପ୍ରାଥମିକ ବିଦ୍ୟାଳୟର ପ୍ରତି ପିଲାପିଛା ୧୦୦ଗ୍ରାମ କରି ମାଗଣା ଚାଉଳ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାପିଛା ୧୫୦ ଗ୍ରାମ ମାଗଣା ଚାଉଳ ଯୋଗାଇଥାନ୍ତି ।

କେନ୍ଦ୍ର ସରକାର, ଭାରତୀୟ ଖାଦ୍ୟ ନିଗମ ଡିପୋରୁ ବିଦ୍ୟାଳୟକୁ ପରିବହନ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ୭୫/-ଟଙ୍କା କରି ଦେଇଥାନ୍ତି । ଏହି ଯୋଜନାରେ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୋଷେଇଶାଳ ତିଆରି ପାଇଁ ବ୍ୟବସ୍ଥା ରହିଅଛି ।

# ମିଶନ ଶକ୍ତି

***ଯୋଜନାର ଉଦ୍ଦେଶ୍ୟ***

୨୦୦୧ ମସିହା ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମିଶନ ଶକ୍ତି ନାମରେ ଏକ କାର୍ଯ୍ୟକ୍ରମ ପ୍ରଚଳନ କରାଗଲା । ମହିଳା ସ୍ୱୟଂ ସହାୟିକା ଦଳମାନଙ୍କୁ ସଂଗଠିତ କରିବା ଏହାର ଉଦ୍ଦେଶ୍ୟ ଥିଲା । ସଞ୍ଚୟ ଏବଂ ଋଣ ପ୍ରଦାନ ଦ୍ୱାରା ଓଡ଼ିଶାରେ ମହିଳାମାନଙ୍କର ସଶକ୍ତିକରଣ ଉପରେ ଏହି ସ୍ୱୟଂ ସହାୟକ ମିଶନ ବିଶ୍ୱାସ କରେ । ଅନ୍ୟ ଉଦ୍ଦେଶ୍ୟ ସବୁ ହେଲା :-

ସ୍ୱୟଂ ସହାୟକ କାର୍ଯ୍ୟକ୍ରମ' ମାଧମରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ।

ଓଡ଼ିଶାରେ ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନକୁ ପ୍ରସାର କରିବା ।

ରାଜ୍ୟରେ ସ୍ୱୟଂ ସହାୟକ ଦଳଗୁଡ଼ିକର ବିକାଶ ଓ ଗୁଣାତ୍ମକ ମାନ ବୃଦ୍ଧି କରିବା ।

ବ୍ଲକ ସ୍ତରରେ ସମଜାତୀୟ ଦଳ ଗଢିବା ଏବଂ ସେହି ଗୋଷ୍ଠୀଗୁଡ଼ିକୁ ଜିଲ୍ଲା ସ୍ତରରେ ଏକତ୍ରୀକରଣ କରିବା ।

ରାଜ୍ୟରେ ସ୍ୱୟଂ ସହାୟକ ଦଳ ଆନ୍ଦୋଳନକୁ ମଜବୁତ୍ କରିବା ପାଇଁ ଅନ୍ୟାନ୍ୟ ସଂସ୍ଥାର ସାହାଯ୍ୟ ସହଯୋଗ ନେବା ।

ସ୍ୱୟଂ ସହାୟକ ଦଳକୁ ଗୋଷ୍ଠୀ ସ୍ତରରୁ ଠିକ୍ ଭାବରେ ତଦାରଖ କରିବାର ବ୍ୟବସ୍ଥାକୁ ବିକଶିତ କରିବା ।

ପ୍ରତ୍ୟେକ ସ୍ତରରେ ସୂଚନା ପରିଚାଳନା କରିବାର ବ୍ୟବସ୍ଥା ପ୍ରତିଷ୍ଠା କରିବା ।

ପ୍ରତି ଅଞ୍ଚଳରେ ସଂସ୍ଥାମାନଙ୍କୁ ଚିହ୍ନଟ କରି ସ୍ୱୟଂ ସହାୟକ ଦଳଗୁଡ଼ିକୁ ସୁଦୃଢ଼ କରିବା ଏବଂ ସେମାନେ ଯେପରି ସ୍ୱୟଂ ସହାୟତା ମିଶନକୁ ଆଶାନୁରୂପ ଫଳ ପ୍ରଦାନ କରିବେ ସେମାନଙ୍କୁ ଉତ୍ତରଦାୟୀ କରିବା ।

*ଗଠନ ପ୍ରଣାଳୀ*

ସାଧାରଣତଃ ରାଜ୍ୟ ସ୍ତରରେ ଗୋଟିଏ ଷ୍ଟିଅରିଂ କମିଟି ଥାଏ । ତା ତଳକୁ ଜିଲ୍ଲାସ୍ତରରେ ପରାମର୍ଶ କମିଟି ଓ ବ୍ଲକ ସ୍ତରରେ ପରାମର୍ଶ କମିଟି ଥାଏ । ସବା ତଳ ସ୍ତରରେ ସ୍ୱୟଂ ସହାୟିକା ଦଳମାନେ କାମ କରିଥାନ୍ତି ।

*କାର୍ଯ୍ୟ ରୂପରେଖ*

**ଜିଲ୍ଲାସ୍ତରୀୟ ପରାମର୍ଶ କମିଟିର କାର୍ଯ୍ୟ**

ଜିଲ୍ଲା ସଂଗଠନ ମିଶନ ଶକ୍ତିର ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାକୁ ଏସ୍.ଜି.ଏସ୍. ୱାଇ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱୟଂ ସହାୟକ ଦଳକୁ ବିକାଶ କରାଯାଏ ।

ଜିଲ୍ଲାସ୍ତରୀୟ ତାଲିମଦାତ୍ରୀମାନଙ୍କ ପାଇଁ ସାଧାରଣ ପାଣ୍ଠି ସୃଷ୍ଟି କରିବା ।

ମିଶନ ଶକ୍ତିର ଲକ୍ଷ୍ୟକୁ ଗୁଣାତ୍ମକ ଏବଂ ପରିମାଣ ଦୃଷ୍ଟିରୁ ସଫଳତା ହାସଲ କରିବା ପାଇଁ ଲକ୍ଷ୍ୟ ରଖିବା ।

**ବ୍ଲକ ସ୍ତରୀୟ ପରାମର୍ଶ କମିଟିର କାର୍ଯ୍ୟ**

ତୃଣମୂଳ ସ୍ତରରେ ଏବଂ ସୁଦୃଢ଼ ସ୍ୱୟଂ ସହାୟକ ଦଳ ସୃଷ୍ଟି କରିବା ।

ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଧିରେ ଧିରେ ସ୍ୱୟଂଚାଳିତ କରିବା ନିମନ୍ତେ ପରିଚାଳନା ବ୍ୟବସ୍ଥା କରିବା ।

***ସ୍ୱୟଂ ସହାୟକ ଦଳ***

ସ୍ୱୟଂ ସହାୟକ ଦଳଗୁଡ଼ିକ ଦରିଦ୍ର ପରିବାରର ଲୋକମାନଙ୍କର ଏକ ସ୍ୱେଚ୍ଛାକୃତ ଅନୁଷ୍ଠାନ ଅଟେ । ଯେଉଁମାନେ କି ସେମାନଙ୍କର ସାମାଜିକ ଅର୍ଥନୈତିକ ଅବସ୍ଥାକୁ ଉନ୍ନତି କରିବା ପାଇଁ ଆସିଥାନ୍ତି । ସ୍ୱୟଂ ସହାୟକ ଦଳ ଏକ ଅନୌପଚାରିକ ଦଳ ଯିଏକି ସ୍ୱୟଂ ସହାୟତା, ପାରସ୍ପରିକ ବୁଝାମଣା ଏବଂ ସହଯୋଗ ମଧ୍ୟରେ କାର୍ଯ୍ୟ ପରିଚାଳନା କରିଥାନ୍ତି ।



# ମଧୁବାବୁ ପେନ୍‌ସନ ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ମଧୁବାବୁ ପେନ୍‌ସନ୍ ଯୋଜନା, ଓଡ଼ିଶା ସରକାରଙ୍କର ଏକ ନୂଆ ଯୋଜନା । ଏହା ୨୦୦୮ ମସିହା ଜାନୁଆରୀ ମାସ ପହିଲା ତାରିଖରୁ ଆରମ୍ଭ କରାଯାଇଛି । ପୂର୍ବରୁ ପ୍ରଚଳିତ ବାର୍ଦ୍ଧକ୍ୟ ଭତ୍ତା ଓ ଭିନ୍ନକ୍ଷମ ପେନ୍‌ସନ୍ ଯୋଜନାର ମିଶ୍ରଣରେ ଏହି ନୂତନ ଯୋଜନା ପ୍ରଣୟନ କରାଯାଇଛି । ତେଣୁ ପୂର୍ବରୁ ଯେଉଁମାନେ ବାର୍ଦ୍ଧକ୍ୟଭତ୍ତା ଯୋଜନା ଓ ଭିନ୍ନକ୍ଷମ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଥିଲେ ସେମାନେ ସମସ୍ତେ ଏବେ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀ ରୂପେ ବିବେଚିତ ହେବେ ।

*ହିତାଧିକାରୀଙ୍କ ଯୋଗ୍ୟତା*

ବୟସ ୬୦ ବର୍ଷ କିମ୍ବା ଅଧିକ ହୋଇଥିବ ।

ବୟସ ନିର୍ବିଶେଷରେ ଜଣେ ବିଧବା ହୋଇଥିବେ ।

ବୟସ ନିର୍ବିଶେଷରେ ଜଣେ ଭିନ୍ନକ୍ଷମ କୁଷ୍ଠରୋଗୀ ହୋଇଥିବେ ।

ବୟସ ପାଞ୍ଚବର୍ଷ କିମ୍ବା ତାଠାରୁ ଅଧିକ ହୋଇଥିବ, ଅଥଚ ଅନ୍ଧତ୍ୱ ଯୋଗୁଁ / ଶାରୀରିକ ଭିନ୍ନକ୍ଷମ ଯୋଗୁଁ / ମାନସିକ ଅନଗ୍ରସରତା ହେତୁ, ଜଣେ ସାଧାରଣ ମଣିଷ ଭଳି ନିଜର ନିତ୍ୟନିୟମିତ କାର୍ଯ୍ୟ କରିବାକୁ ଅକ୍ଷମ ହେଉଥିବ ।

ଜଣେ ଏଚ୍.ଆଇ.ଭି. (ଏଡ୍‌ସ୍) ସଂକ୍ରମିତ, ମୃତବ୍ୟକ୍ତିଙ୍କ ବିଧବା ପତ୍ନୀ (ବୟସ ଯେତେ ହେଉ ବା ଯେତେ ଆୟ କରୁଥାନ୍ତୁ) ।

*ଆବେଦନ ପ୍ରଣାଳୀ*

ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ, ବ୍ଲକର ବି.ଡ଼ି.ଓ. ଓ ମ୍ୟୁନିସିପାଲଟି ବା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଫିସରଙ୍କ ଠାରୁ ବିନା ମୂଲ୍ୟରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ମିଳିପାରିବ । ଦରଖାସ୍ତ ପୁରଣ କରି ବି.ଡ଼ି.ଓ. କିମ୍ବା ପେନ୍‌ସନ୍ ପ୍ରଦାନ କରୁଥିବା ଅଧିକାରୀଙ୍କ ପାଖରେ ଦେବାକୁ ପଡ଼ିବ । ପ୍ରତ୍ୟେକ ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କରି ସଂପୃକ୍ତ ଅଧିକାରୀ ରସିଦ୍ ଦେବେ । ଭିନ୍ନକ୍ଷମ କିମ୍ବା ଏଡ୍‌ସ୍ ରୋଗୀଙ୍କ ଠାରୁ ଦରଖାସ୍ତ ଆବଶ୍ୟକ ନାହିଁ ।

*ଚିହ୍ନଟ ପ୍ରକ୍ରିୟା*

ବି.ଡ଼ି.ଓ. ଦରଖାସ୍ତ ପାଇବାର ୧୫ ଦିନ ମଧରେ ନିଜେ ଯାଞ୍ଚ କରି ଅଗ୍ରାଧିକାର ଭିତ୍ତିରେ ସୁପାରିଶ ସହ ଉପଜିଲ୍ଲାପାଳଙ୍କ ନିକଟକୁ ପଠାଇବେ । ଉପଜିଲ୍ଲାପାଳ ଦରଖାସ୍ତ ପାଇବାର ୧୫ ଦିନ ମଧ୍ୟରେ ସବ୍‌ଡ଼ିଭିଜନାଲ୍ ସାମାଜିକ ଶିକ୍ଷା ସଂଗଠକଙ୍କ ମାଧମରେ ଦରଖାସ୍ତ ସବୁ ଯାଞ୍ଚକରି ପେନ୍‌ସନ୍ ମଞ୍ଜୁର କରିବେ । ଯେଉଁ କ୍ଷେତ୍ରରେ ଆବେଦନପତ୍ର ନାମଞ୍ଜୁର ହେଲା, ସେ କ୍ଷେତ୍ରରେ କାହିଁକି ତାହା ନାମଞ୍ଜୁର ହେଲା ଉପଜିଲ୍ଲାପାଳ ତା'ର କାରଣ ଦର୍ଶାଇବେ କିମ୍ବା ଆଉ କିଛି ସ୍ୱଷ୍ଟୀକରଣ ଆବଶ୍ୟକ ଥିଲେ ତାହା ମାଗି ପାରିବେ ।


*ସାହାଯ୍ୟର ପରିମାଣ*

ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁସାରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ଜଣେ ହିତାଧିକାରୀ ମାସକୁ ୨୦୦ ଟଙ୍କା ଲେଖାଏ ପେନ୍‌ସନ୍ ପାଇବେ । ତେବେ

ସମୟ କ୍ରମେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପେନ୍‌ସନ୍ ପରିମାଣ ମଧ୍ୟ ପରିବର୍ତ୍ତନ କରାଯାଇପାରେ ।

ପେନ୍‌ସନ୍‌ଧାରୀମାନଙ୍କୁ ପ୍ରତିମାସ ୧୫ ତାରିଖ ଯାହାକି **'ଜନସେବା ଦିବସ'** ଭାବେ ନିର୍ଦ୍ଧାରିତ, ସେହି ଦିନ ଗ୍ରାମପଞ୍ଚାୟତ କିମ୍ବା ପୌରପରିଷଦର ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥିତିରେ ପେନ୍‌ସନ୍ ଅର୍ଥ ବିତରଣ କରାଯିବ ।

***ସାହାଯ୍ୟକାରୀ ଅଧିକାରୀ*** ମଣ୍ଡଳ ଉନ୍ନୟନ ଅଧିକାରୀ ।



# ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଅସହାୟ ବୃଦ୍ଧ ବ୍ୟକ୍ତିମାନଙ୍କୁ କିଛି ଆର୍ଥିକ ସହାୟତ ପ୍ରଦାନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । |
| *ହିତାଧିକାରୀଙ୍କ ଯୋଗ୍ୟତା* | ଏହି ଯୋଜନାରେ ହିତାଧିକାରୀଙ୍କ ପାଇଁ ଥିବା ମାନଦଣ୍ଡଗୁଡ଼ିକୁ ଭାରତ ସରକାରଙ୍କର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ କରାଯାଇଛି । ସେଗୁଡ଼ିକ ହେଲା : - |
| | ଆବେଦନକାରୀଙ୍କର ବୟସ (ଉଭୟ ପୁରୁଷ ଏବଂ ମହିଳା) ୬୫ ବର୍ଷ କିମ୍ବା ଅଧିକ ହୋଇଥିବ । |
| | ଆବେଦନକାରୀ ଜଣେ ଅସହାୟ ହୋଇଥିବେ ଅର୍ଥାତ୍ ତାଙ୍କର କୌଣସି ଆୟ ନଥିବ ଏବଂ ସେ କୌଣସି ପ୍ରକାରର ପାରିବାରିକ ସହାୟତା ପାଉ ନଥିବେ । |
| | ବି.ପି.ଏଲ କାର୍ଡ଼ଧାରୀ ହୋଇଥିବେ । |
| *ଆବେଦନ ପ୍ରଣାଳୀ* | ପଲ୍ଲୀସଭାରେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ହିତାଧିକାରୀ ନିଜର ନାମ ପ୍ରଦାନ କରିଥାନ୍ତି । |
| *ଚିହ୍ନଟ ପ୍ରକ୍ରିୟା* | ପଞ୍ଚାୟତ ଦ୍ୱାରା ପଲ୍ଲୀସଭା ଓ ଗ୍ରାମସଭା ବୈଠକ ଆୟୋଜନ କରି ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ସମାପନ ହୋଇଥାଏ । |
| *ସାହାଯ୍ୟର ପରିମାଣ* | ମାସିକ ୨୦୦ ଟଙ୍କା । |
| *ସାହାଯ୍ୟକାରୀ ଅଧିକାରୀ* | ଗ୍ରାମ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥାଏ । |
| *ଅଭିଯୋଗ ଦାଖଲ* | ମଣ୍ଡଳ ଉନ୍ନୟନ ଅଧିକାରୀ । |

**ବିଶେଷ ସୂଚନା**

ପି.ୟୁ.ସି.ଏଲ୍. ଏବଂ ଭାରତ ସରକାରଙ୍କ ମଧ୍ୟରେ ଚାଲିଥିବା କେସ୍‌କୁ ସମାଧାନ କରି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦେଇଥିଲେ । ଯେଉଁ ଆଦେଶରେ ନ୍ୟାୟାଳୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କେତେଗୁଡ଼ିଏ ନିର୍ଦ୍ଦେଶମାନ ପାଳନ କରିବାକୁ ବାଧ କରିଛନ୍ତି । ସେଗୁଡ଼ିକ ହେଲା ଯଥା :-

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଠିକ୍ ସମୟର ନିୟମିତ ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ରହିଛି ।

ଏହି ଭତ୍ତା ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ଦେବା ଉଚିତ ।

ସର୍ବୋଚ୍ଚ ନ୍ୟାୟାଳୟ ବିନା ଅନୁମତିରେ ଏହି ଯୋଜନାକୁ ବନ୍ଦ ବା ସଙ୍କୁଚିତ କରାଯାଇପାରିବ ନାହିଁ ।

ଏହି ଯୋଜନାରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ କିଛି ଅତିରିକ୍ତ କେନ୍ଦ୍ରୀୟ ସହାୟତା ଦେଇଥାନ୍ତି । ଏହି ଅର୍ଥକୁ ରାଜ୍ୟ ସରକାର ଅନ୍ୟ କୌଣସି ଉଦ୍ଦେଶ୍ୟରେ ଖର୍ଚ୍ଚ କରିପାରିବେ ନାହିଁ ।



# ଜାତୀୟ ପରିବାର ମଙ୍ଗଳ ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ଏହି ଯୋଜନାର ନାମ ଜାତୀୟ ପରିବାର ମଙ୍ଗଳ ଯୋଜନା ଅଟେ । ଏହାକୁ ଇଂରାଜୀରେ ଏନ୍.ଏଫ୍.ବି.ଏସ୍ (ନ୍ୟାସନାଲ ଫ୍ୟାମିଲି ବେନିଫିଟ୍ ସ୍କିମ୍) ବୋଲି ମଧ୍ୟ କୁହାଯାଇଥାଏ । ଏହା ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ୧୯୯୫ ମସିହା ଅଗଷ୍ଟ ମାସ ୧୫ ତାରିଖ ଠାରୁ ଏହି ଯୋଜନା ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ କାର୍ଯ୍ୟକାରୀ ହୋଇ ଆସୁଅଛି ।

*ହିତାଧିକାରୀଙ୍କ ଯୋଗ୍ୟତା*

ଆବେଦନକାରୀ ବି.ପି.ଏଲ୍. ପରିବାରର ହୋଇଥିବା ଆବଶ୍ୟକ ।

ଏହି ଯୋଜନାରେ ସେହି ପରିବାରଗୁଡ଼ିକୁ ଲାଭ ପାଇପାରିବେ, ଯାହାର ମୁଖ୍ୟ ରୋଜଗାର ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବ ଏବଂ ମୃତ୍ୟୁ ସମୟରେ ତାଙ୍କୁ ୧୮ ରୁ ୬୫ ବର୍ଷ ବୟସ ହୋଇଥିବା ଆବଶ୍ୟକ ।

*ଆବେଦନ ପ୍ରଣାଳୀ*

ସାଧା କାଗଜରେ ଗ୍ରାମପଞ୍ଚାୟତକୁ ଆବେଦନ କରାଯିବ ।

*ଚିହ୍ନଟ ପ୍ରକ୍ରିୟା*

ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ

*ସହାୟତାର ପରିମାଣ*

ଜାତୀୟ ପରିବାର ମଙ୍ଗଳ ଯୋଜନାରେ, ଯେଉଁ ବି.ପି.ଏଲ. ପରିବାରଗୁଡ଼ିକର ମୁଖ୍ୟ ରୋଜଗାକ୍ଷମ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥାଏ, ସେହି ପରିବାରଗୁଡ଼ିକୁ ସରକାରଙ୍କ ତରଫରୁ ଟ. ୧୦,୦୦୦ଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ ।

| | |
|---|---|
| *ସାହାଯ୍ୟକାରୀ ଅଧିକାରୀ* | ସରପଞ୍ଚ ଓ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ । |
| *ଅଭିଯୋଗ ଦାଖଲ* | ମଣ୍ଡଳ ଉନ୍ନୟନ ଅଧିକାରୀ । |
| *ବିଶେଷ ସୂଚନା* | ପି.ୟୁ.ସି.ଏଲ୍. ଏବଂ ଭାରତ ସରକାରଙ୍କ କେସ୍‌ରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଜାତୀୟ ପରିବାର ମଙ୍ଗଳ ଯୋଜନା ସମ୍ବନ୍ଧରେ ନିମ୍ନ ଭାବରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରଦାନ କରିଛନ୍ତି । |

୨୮ ନଭେମ୍ବର, ୨୦୦୧ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଜାତୀୟ ପରିବାର କଲ୍ୟାଣ ଯୋଜନାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ଅନୁସାରେ ଯଦି ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ପରିବାରର ମୁଖ୍ୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟେ, ତେବେ ସ୍ଥାନୀୟ ସରପଞ୍ଚ ଉକ୍ତ ପରିବାରକୁ ଚାରି ସପ୍ତାହ ମଧ୍ୟରେ ୧୦,୦୦୦/-ଟଙ୍କା ଏହି ଯୋଜନା ମାଧ୍ୟମରେ ଯୋଗାଇଦେବା ଆବଶ୍ୟକ ।

ପ୍ରତ୍ୟେକ ହିତାଧିକାରଙ୍କୁ ଅତିଶୀଘ୍ର ଏହି ଯୋଜନା ଅନ୍ତର୍ଗତ ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ଏକକାଳୀନ ୧୦୦୦ ଟଙ୍କା ପ୍ରଦାନ କରାଯିବା ଆବଶ୍ୟକ ।

ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ବିନା ଆଦେଶରେ ଏହି ଯୋଜନାକୁ ବନ୍ଦ ବା ସଙ୍କୁଚିତ କରାଯାଇପାରିବ ନାହିଁ ।

ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳରୁ ସରକାରଙ୍କ ପୁନଶ୍ଚ ଆଦେଶ ନହେବା ପର୍ଯ୍ୟନ୍ତ ଏହି ଯୋଜନାରେ ଦିଆଯାଉଥିବା ସୁବିଧା ଓ ସୁଯୋଗକୁ ବନ୍ଦ କରାଯାଇପାରିବ ନାହିଁ ।

# ସ୍ୱୟଂସିଦ୍ଧ

*ଯୋଜନାର ଉଦ୍ଦେଶ୍ୟ*

ଓଡ଼ିଶାର ବିଭିନ୍ନ ଅଞ୍ଚଳ ମୁଖ୍ୟତଃ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ବସବାସ କରୁଥିବା ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଅନ୍ୟ ଉଦ୍ଦେଶ୍ୟ ଗୁଡ଼ିକ ହେଲା :-

ସ୍ୱୟଂ ସହାୟକ ଦଳ ଗଠନ କରି ଆତ୍ମନିର୍ଭରଶୀଳ ହେବା ।

ମହିଳାମାନଙ୍କର ସ୍ୱାସ୍ଥ୍ୟ, ପୁଷ୍ଟି ତଥା ଶିକ୍ଷା ଆଦି ବିଷୟରେ ଜଣାଇବା ।

ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ସଚେତନ କରାଇବା ।

ମହିଳାମାନଙ୍କର ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ।

ସଞ୍ଚୟ କରିବାର ଅଭ୍ୟାସ ବଢାଇବା ।

ମହିଳାମାନଙ୍କୁ ଛୋଟ ଛୋଟ ଋଣ କରିବା ନିମିତ୍ତ ଅଧିକ ସୁଯୋଗ ସୃଷ୍ଟି କରାଇବା ।

ଗ୍ରାମ ତଥା ଆଞ୍ଚଳିକସ୍ତରୀୟ ଯୋଜନା ପ୍ରସ୍ତୁତିରେ ମହିଳାମାନଙ୍କର ଭାଗିଦାରିତା ବଢାଇବା ।

*କାର୍ଯ୍ୟକାରୀ ଜିଲ୍ଲା*

ଏହି ଯୋଜନା ମୋଟ ୮ ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଯଥା :- କୋରାପୁଟ, ରାୟଗଡ଼ା, ମାଲ୍‌କାନ୍‌ଗିରି, ନବରଙ୍ଗପୁର, ବଲାଙ୍ଗିର, ସୋନପୁର ନୂଆପଡ଼ା ଓ ବଉଦ ।

*କାର୍ଯ୍ୟର ରୂପରେଖ*

ମୁଖ୍ୟତଃ ଏହି ଯୋଜନା ମାଧମରେ ସ୍ୱୟଂ ସହାୟିକା ଦଳମାନଙ୍କୁ ବିଭିନ୍ନ ଆୟଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ସେମାନଙ୍କର ଆର୍ଥିକ ବିକାଶ କରିବା ପାଇଁ ଧାନ/ଚାଉଳ ପ୍ରକ୍ରିୟାକରଣ, ପରିବା ଚାଷ, ଖଲି ବୁଣିବା, ଛୋଟ ଛୋଟ ବ୍ୟବସାୟ ପାଇଁ ପ୍ରୋତ୍ସାହନ ଦେବା, ଝାଡୁ ତିଆରି କରିବା, ଅନ୍ୟ ବୁଣାବୁଣି କରିବା, ଛେଳି ବ୍ୟବସାୟ ଭଳି ପଦକ୍ଷେପମାନ ନିଆଯାଇଥାଏ ।

*କାର୍ଯ୍ୟକାରୀ ଅଧିକାରୀ*

ସ୍ୱୟଂସିଦ୍ଧ ଯୋଜନା ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (ପି.ଆଇ.ଏ.) ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ (ସିଡ଼ିପିଓ)ଙ୍କୁ ଏହି ଯୋଜନାର ପି.ଆଇ.ଏ ରୂପେ ଦାୟିତ୍ୱ ଦିଆଯାଇଥାଏ ।



# ସ୍ୱାଧାର

*ଯୋଜନାର ଉଦ୍ଦେଶ୍ୟ*

ଅସହାୟ ପରିସ୍ଥିତିର ସାମନା କରୁଥିବା ମହିଳାମାନଙ୍କୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ଏହି ଯୋଜନା ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ସ୍ୱାଧାର ଗୃହ ନିର୍ମାଣ କରାଯାଇ ମହିଳାମାନଙ୍କୁ ସେବା ଯୋଗାଇ ଦିଆଯାଉଛି ।

*କାର୍ଯ୍ୟର ରୂପରେଖ*

ସାଧାରଣତଃ ସ୍ୱାଧାର ଗୃହ ଗୁଡ଼ିକରେ ନିମ୍ନଲିଖିତ ସେବା ଯୋଗାଇ ଦିଆଯାଇଥାଏ । ଯଥା:-

ଅସହାୟ ମହିଳାମାନଙ୍କୁ ବାସ ଯୋଗାଇଦେବା ।

ବସ୍ତ୍ର ଓ ସ୍ୱାସ୍ଥ୍ୟ ସେବା

ମାନସିକ ବିକାରଗ୍ରସ୍ତଙ୍କୁ ସେବା

ବିଧବା, ସ୍ୱାମୀ ପରିତ୍ୟକ୍ତା, ଅସଦ୍ ବ୍ୟବହାର ଶିକାର ହୋଇଥିବା ମହିଳାମାନଙ୍କୁ ସେବା

ଏମାନଙ୍କର ରହିବା, ଖାଇବା, ଆଇନ ସହାୟତା ଦେବା, ସଚେତନତା ସୃଷ୍ଟି କରିବା ଆଦି କାମ ଏହି ସ୍ୱାଧାର ଗୃହ ମାଧ୍ୟମରେ କରାଯାଇଥାଏ ।

*କାର୍ଯ୍ୟକାରିତା*

ବିଭିନ୍ନ ସଂସ୍ଥା ଯେଉଁମାନଙ୍କର ଉପରୋକ୍ତ କାର୍ଯ୍ୟକ୍ରମ କରିବା ପାଇଁ ରୁଚି ଓ ଦକ୍ଷତା ଥିବ, ସେହିମାନେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି । ସରକାରୀସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ, ସମାଜ ମଙ୍ଗଳ ବିଭାଗ, ମହିଳା ବିକାଶ ନିଗମ ପ୍ରଭୃତି ଏହାକୁ କାର୍ଯ୍ୟକାରୀ କରୁଛନ୍ତି ।

*** *** ***

# ମହିଳା ଓ ଶିଶୁ ଡ଼େସ୍କ

***ଯୋଜନାର ଉଦ୍ଦେଶ୍ୟ***

ଅସହାୟ ଓ ପ୍ରତିକୂଳ ପରିସ୍ଥିତିରେ ରହୁଥିବା ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ଓ ନ୍ୟାୟିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ଡ଼େସ୍କ ଗଠନ କରାଯାଇଛି । ଯେଉଁ ମହିଳା ଓ ଶିଶୁ ହିଂସା ଓ କୁବ୍ୟବହାର ଶିକାର ହେଉଥିବେ ସେମାନଙ୍କୁ ସାହାଯ୍ୟ ଯୋଗାଇଦେବା ଏହାର ମୂଳ ଲକ୍ଷ୍ୟ ।

ମହିଳା ଓ ଶିଶୁ ଡ଼େସ୍କ ୬ ଜୁନ୍ ୨୦୦୫ ମସିହାଠାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୬୪ଟି ଥାନାରେ ପ୍ରଚଳନ କରାଯାଇଛି । ପ୍ରଥମ ପର୍ଯ୍ୟାୟ ପରେ ତଥା ବର୍ତ୍ତମାନ ସୁଦ୍ଧା ୪୬୦ଟି ଥାନାରେ ଏହା ପ୍ରଚଳିତ ।

ଓଡ଼ିଶା ସରକାରଙ୍କ ତରଫରୁ ୪୬୪ଟି ଥାନାରେ ଏହି ଡ଼େସ୍କ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହା ୨୧୦ଟି ଥାନାରେ ପ୍ରତିଷ୍ଠା କରାଯାଇଛି ।

***ସାହାଯ୍ୟର ସ୍ୱରୂପ***

ଏହି କାର୍ଯ୍ୟକ୍ରମ ଜରିଆରେ ନିମ୍ନ ସୁବିଧାମାନ ଦିଆଯାଇଥାଏ ।

ହିଂସାର ଶିକାର ହୋଇଥିବା ମହିଳାଙ୍କ ପାଇଁ ବିଶ୍ରାମ ସ୍ଥାନ ।

ହିଂସାମୁକ୍ତ ଏକ ସ୍ଥାନ ଚିହ୍ନଟ କରିବା ।

ପାଇଖାନା ଏବଂ ପାନୀୟ ଜଳର ସୁବିଧା ।

ମାନସିକ, ସାମାଜିକ ଏବଂ ନ୍ୟାୟିକ ସହାୟତା ।

*ସାହାଯ୍ୟକାରୀ ଅଧିକାରୀ*

ମହିଳା ଓ ଶିଶୁ ଡେ଼ସ୍କର ପରିଚାଳନା ଦାୟିତ୍ୱ ପ୍ରତ୍ୟେକ ଜିଲ୍ଲାର ମାନବିକ ଅଧିକାର ସୁରକ୍ଷା ମଞ୍ଚକୁ ପ୍ରଦାନ କରାଯାଇଛି । ଏହି ଡେ଼ସ୍କରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସେମାନଙ୍କର ଦାୟିତ୍ୱ ବିଷୟରେ ଭଲଭାବେ ଅବଗତ କରାଯାଇଛି ।



# ଅନାଥ ଓ ନିଃସ୍ୱ ଶିଶୁଙ୍କ କଲ୍ୟାଣ ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ଅନାଥ ଓ ନିଃସ୍ୱ ଶିଶୁମାନଙ୍କୁ ସହାୟତା ପ୍ରଦାନ କରି ସେମାନଙ୍କର ଜୀବନଧାରଣର ଗତିପଥ ବଦଳାଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ।

*ଯୋଜନାର ହିତାଧିକାରୀ*

୧୮ ବର୍ଷ ପର୍ଯ୍ୟନ୍ତ ଅନାଥ ଓ ନିଃସ୍ୱ ପୁଅ ୨୫ ବର୍ଷ ପର୍ଯ୍ୟନ୍ତ ଅନାଥ ଓ ନିଃସ୍ୱ ଝିଅ ଅବସ୍ଥାରେ ଏକୁଟିଆ ବସବାସ କରୁଥିବା ଶିଶୁ, ନିର୍ଯ୍ୟାତିତ ଶିଶୁଶ୍ରମିକ, ଯୌନ ଶୋଷଣରେ ଶିକାର ହୋଇଥିବା ଶିଶୁ ମାନଙ୍କୁ ଏହି ଯୋଜନାର ହିତାଧିକାରୀ ରୂପେ ନିଆଯାଇଥାଏ ।

*ସାହାଯ୍ୟର ପରିମାଣ*

ସାଧାରଣତଃ ଅନାଥାଶ୍ରମ ମାନଙ୍କରେ ଏହି ଶିଶୁଙ୍କୁ ରହିବାର ବନ୍ଦୋବସ୍ତ କରାଯାଏ । ଅନାଥାଶ୍ରମର ପ୍ରତ୍ୟେକ ଅନ୍ତେବାସୀ ପିଛା ରାଜ୍ୟ ସରକାର ୫୦୦ ଟଙ୍କା ଲେଖାଏଁ ସହାୟତା ଗତ ଅଗଷ୍ଟ ୨୦୦୪ ରୁ ଦେଇ ଆସୁଛନ୍ତି ।

*କାର୍ଯ୍ୟକାରୀ ସଂସ୍ଥା*

ଏହି ଯୋଜନାକୁ ଓ.ଏସ୍.ସି.ସି.ଡ଼ବ୍ଲୁ. ବିଭିନ୍ନ ବେସରକାରୀ ସଂଗଠନ ଓ ସ୍ୱେଚ୍ଛାସେବୀ ସଂଗଠନମାନେ କାର୍ଯ୍ୟକାରୀ କରାଇଥାନ୍ତି ।

*ବିଶେଷ ସୂଚନା*

ଏହି ସେବା ପାଇଁ କୌଣସି ଶିଶୁକୁ ଅନାଥାଶ୍ରମ ପଠାଇବା କିମ୍ବା ଅନ୍ୟ ସହାୟତା ଦେବା ପାଇଁ ଏକ ୨୪ଘଣ୍ଟିଆ ଦେୟମୁକ୍ତ ଫୋନ୍ ବ୍ୟବସ୍ଥା କରାଯାଇଛି । ଏହାର ନମ୍ବର ହେଲା - ୧୦୯୮

★★★

# ରାସ୍ତାକଡ଼ ଶିଶୁମାନଙ୍କ ପାଇଁ ସମନ୍ୱିତ କାର୍ଯ୍ୟକ୍ରମ

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ :* | ଅନାଥ, ଅସହାୟ ତଥା ସମସ୍ୟାରେ ଥିବା ଶିଶୁମାନେ ଯେଉଁମାନେ ଅନ୍ୟ କୌଣସି ଉପାୟ ନପାଇ ରାସ୍ତା ବା ଗଳିରେ ଜୀବନ ବିତାନ୍ତି, ସେମାନଙ୍କୁ ଉଦ୍ଧାର କରିବା ଏବଂ ସେମାନଙ୍କୁ ପୁନଃ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । |
| *ହିତାଧିକାରୀଙ୍କ ଯୋଗ୍ୟତା* | ରାସ୍ତାକଡରେ ବୁଲୁଥିବା ଶିଶୁ |
| *ସାହାଯ୍ୟର ପରିଣାମ* | ସାଧାରଣତଃ ଏହି ଶିଶୁମାନଙ୍କୁ ଆଣି ସେମାନଙ୍କୁ ଶିକ୍ଷା ପ୍ରଦାନଠାରୁ ଆରମ୍ଭ କରି ସେମାନଙ୍କୁ ଖାଦ୍ୟ, ବସ୍ତ୍ର ରହିବା ବନ୍ଦୋବସ୍ତ ପ୍ରଭୃତିର ସୁବିଧା ପ୍ରଧାନ କରିବା । |
| *ସାହାଯ୍ୟରକାରୀ ସଂସ୍ଥା* | ସାଧାରଣତଃ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସହାୟତା ପାଉଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ଏହି ସୁବିଧା ଉପଲବ୍ଧ କରାଇଥାଆନ୍ତି । ବର୍ତ୍ତମାନ ରୁଚିକା ନାମକ ଭୁବନେଶ୍ୱର କାର୍ଯ୍ୟ କରୁଥିବା ଏକ ସଂସ୍ଥା ୬ଟି ଭିନ୍ନ ଭିନ୍ନ କେନ୍ଦ୍ରରେ ୩୦୦ ପିଲାଙ୍କୁ ନେଇ ଏହି କାର୍ଯ୍ୟ କରୁଛି । |




ମହିଳା ଶକ୍ତି
ଆଣେ ପ୍ରଗତି

## ପ୍ରଶ୍ନ ବା ସମସ୍ୟା ଲେଖନ୍ତୁ

### ଉତ୍ତର ପାଇଁ ପଞ୍ଚାୟତ ବିଶେଷଜ୍ଞ କିମ୍ବା ସରକାରୀ ଅଧିକାରୀମାନଙ୍କର ସହଯୋଗ ନିଅନ୍ତୁ




**ସି.ୱାଇ.ଏସ୍.ଡି**
ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ
ଗଂଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୧୩
ଦୂରଭାଷ : ୦୬୭୪-୨୩୦୧୭୨୫, ୨୩୦୦୭୭୪, ଫ୍ୟାକ୍ସ : ୦୬୭୪-୨୩୦୧୨୨୬
**Email : cysdbbsr@sancharnet.in, Website : www.cysd.org**

